# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 1 October – 2026

*********************************

## ମୁଖ୍ୟ ସମ୍ବାଦ

- ସହରର ସ୍ୱଚ୍ଛତା ପାଇଁ ପ୍ରତ୍ୟେକ ନାଗରିକ ସଚେତନ ହେବା ଆବଶ୍ୟକ; କହିଲେ ମୁଖ୍ୟମନ୍ତ୍ରୀ

– ଭୁବନେଶ୍ୱରଠାରେ 'ଏକ ଦିନ୍, ଏକ ଘଣ୍ଟା, ଏକ ସାଥ୍' ସ୍ୱଚ୍ଛତା କାର୍ଯ୍ୟକ୍ରମରେ ହେଲେ ସାମିଲ

- ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆଜି ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ ମହାନଦୀ ଜଳବିବାଦ ସମାଧାନ ବୈଠକ

- ରାଜ୍ୟର ସମସ୍ତ ପଞ୍ଚାୟତକୁ ଆସନ୍ତା ୨୦୨୯ ମସିହା ସୁଦ୍ଧା ଶିଶୁ ଶ୍ରମିକ ମୁକ୍ତ କରିବାକୁ ଲକ୍ଷ୍ୟ ରଖିଛନ୍ତି ସରକାର

ଏବଂ

- 'ଦୀର୍ଘାୟୁର ଯୁଗ, ଦୀର୍ଘ ଜୀବନ ପାଇଁ ପୁନଃ ଚିନ୍ତନ ପ୍ରଣାଳୀ'ର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ବରିଷ୍ଠ ନାଗରିକ ଦିବସ

– ଯୁବବର୍ଗଙ୍କୁ ସ୍ୱେଚ୍ଛାରେ ରକ୍ତଦାନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

BBSR/R

# ମୁଖ୍ୟମନ୍ତ୍ରୀ– ସ୍ୱଚ୍ଛତା କାର୍ଯ୍ୟକ୍ରମ

ସହରର ସ୍ୱଚ୍ଛତା ପାଇଁ ପ୍ରତ୍ୟେକ ନାଗରିକ ସଚେତନ ହେବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ଖଣ୍ଡଗିରିଠାରେ ଆଜି ଆୟୋଜିତ 'ଏକ ଦିନ୍, ଏକ୍ ଘଣ୍ଟା, ଏକ ସାଥ୍' ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଶ୍ରୀ ମାଝୀ ଯୋଗଦେଇ କହିଛନ୍ତି, ଦେଶର ସ୍ୱଚ୍ଛତା ର୍‍ୟାଙ୍କିଙ୍ଗ୍‌ରେ ଭୁବନେଶ୍ୱର ନବମ ସ୍ଥାନରେ ରହିଛି। ସମସ୍ତେ ବ୍ୟକ୍ତିଗତଭାବେ ନିଜ ନିଜର ଦାୟିତ୍ୱ ସଠିକ୍‌ଭାବେ ତୁଲାଇଲେ ଭବିଷ୍ୟତରେ ଦେଶର ସବୁଠୁ ସ୍ୱଚ୍ଛ ଓ ସୁନ୍ଦର ସହରଭାବେ ଭୁବନେଶ୍ୱର ପ୍ରଥମ ସ୍ଥାନ ହାସଲ କରିପାରିବ। ନିଜ ଘର, ବାଡ଼ି, ଅଗଣା, ରାସ୍ତା ସମେତ ନିଜ କଲୋନୀକୁ ସଫା ରଖିବା ସହ ସଫେଇ କର୍ମଚାରୀଙ୍କ କାର୍ଯ୍ୟରେ ଯୋଡ଼ି ହୋଇ ଶୁଖିଲା ଓ ଓଦା ଆବର୍ଜନାକୁ ନିୟମିତଭାବେ ସଫେଇ ଗାଡ଼ିରେ ଦେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

**- V/O -**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ' ମହାତ୍ମା ଗାନ୍ଧିଜୀଙ୍କ ସ୍ୱପ୍ନର ସଫଳ ରୂପାୟନ କରି ସ୍ୱଚ୍ଛତା ହିଁ ସେବା ଅଭିଯାନ ମାଧ୍ୟମରେ ଏହାକୁ ଏକ ବ୍ୟାପକ ଜନଆନ୍ଦୋଳନରେ ପରିଣତ କରିଛନ୍ତି। ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବାରେ ସଫେଇ ମିତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କ ସାମାଜିକ

ସୁରକ୍ଷା ଓ ବାସଗୃହ ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରତିବଦ୍ଧତାର ସହ କାର୍ଯ୍ୟ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସମେତ ବିଧାୟକ, ବିଏମ୍‌ସି କମିଶନର ପ୍ରମୁଖ ଉପସ୍ଥିତ ଥିଲେ।

BBSR/R

# ମହାନଦୀ ଜଳବିବାଦ ବୈଠକ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ଆଜି ନୂଆଦିଲ୍ଲୀରେ ମହାନଦୀ ଜଳବିବାଦ ସମାଧାନ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ବୈଠକରେ ଓଡିଶା ଓ ଛତିଶଗଡର ମୁଖ୍ୟମନ୍ତ୍ରୀ ଉପସ୍ଥିତ ରହିବେ । ଖୁବ୍‌ଶୀଘ୍ର ବିବାଦର ସମାଧାନ ହେବ ବୋଲି ଶ୍ରୀ ପୂଜାରୀ କହିଛନ୍ତି । ଛତିଶଗଡ ସରକାର ମହାନଦୀ ଉପରମୁଣ୍ଡରେ ବ୍ୟାରେଜ୍ ନିର୍ମାଣ କରିବାରୁ ୨୦୧୬ ମସିହାରେ ଦୁଇରାଜ୍ୟ ମଧ୍ୟରେ ବିବାଦ ଦେଖାଦେଇଥିଲା । ପରବର୍ତ୍ତୀ ସମୟରେ କେନ୍ଦ୍ର ସରକାର ୨୦୧୮ ମସିହା ମାର୍ଚ୍ଚ ମାସରେ ଦୁଇ ରାଜ୍ୟ ମଧ୍ୟରେ ଦେଖାଦେଇଥିବା ମହାନଦୀ ଜଳବିବାଦକୁ ନେଇ ଟ୍ରିବ୍ୟୁନାଲ ଗଠନ କରିଥିଲେ । ମହାନଦୀ ଜଳବିବାଦ ଟ୍ରିବ୍ୟୁନାଲରେ ମହାନଦୀ ଜଳ ଆବଣ୍ଟନକୁ ନେଇ ଅଦ୍ୟାବଧି ଶୁଣାଣି ଜାରି ରହିଛି ।

Desk

# ରେଜିଷ୍ଟ୍ରେସନ ଅଫ୍ ବାର୍ଥ ଆଣ୍ଡ ଡେଥ୍

ଜନ୍ମ ଓ ମୃତ୍ୟୁ ପଞ୍ଜିକରଣ ସଂଶୋଧନ ଆଇନ୍ ଆଜିଠାରୁ କାର୍ଯ୍ୟକାରୀ ହୋଇଛି । ୧୯୬୯ ମସିହାର ପୂର୍ବ ଆଇନ୍‌ର ସଂଶୋଧନ ମାଧ୍ୟମରେ ଏହି ନୂତନ ଆଇନ୍ ପ୍ରସ୍ତୁତ କରାଯାଇଛି । ଜନ୍ମ ଓ ମୃତ୍ୟୁ ପଞ୍ଜିକରଣରେ ବିଳମ୍ବକୁ ପ୍ରତିହତ କରିବା ଏବଂ ସମୟାନୁଯାୟୀ ନାଗରିକଙ୍କୁ ପଞ୍ଜିକରଣ ଦିଗରେ ପ୍ରୋତ୍ସାହନ ପ୍ରଦାନ କରିବା ଏହି ସଂଶୋଧିତ ଆଇନ୍‌ର ମୁଖ୍ୟ ଉଦ୍ଦେଶ୍ୟ । ଆଇନ୍ ଅଧୀନରେ ଜନ୍ମ ଓ ମୃତ୍ୟୁ ପଞ୍ଜିକରଣକୁ ବାଧ୍ୟତାମୂଳକ କରାଯିବା ସହ ଏହା ଅଧୀନରେ ପ୍ରଦାନ କରାଯାଉଥିବା ପ୍ରମାଣପତ୍ର ଆଇନ୍‌ଗତ ପରିଚୟ ପ୍ରଦାନ କରିବାରେ ବୈଧତା ସମ୍ପନ୍ନ ହୋଇପାରିବ । ଗତ ଅଗଷ୍ଟ ମାସରେ ମୌସୁମୀ ଅଧିବେଶନରେ ସଂସଦର ଉଭୟ ଗୃହରେ ଏହି ବିଧେୟକ ପାରିତ ହୋଇଥିଲା ।

Kendrapada

# ସେବା ସଙ୍କଳ୍ପ ଅଭିଯାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନସେବାକୁ ୨୫ ବର୍ଷ ପୂରଣ ହୋଇଛି। ଜନସେବାରୁ ଦେଶସେବା ମନ୍ତ୍ର ଆଧାରିତ ଜୟଯାତ୍ରା ଏବଂ ଏପର୍ଯ୍ୟନ୍ତ ଜାରି ରହିଥିବା ନିରନ୍ତର ଅଙ୍ଗୀକାରବଦ୍ଧତାକୁ ଏହା ପ୍ରକାଶ କରୁଛି। ସେବା ଏବଂ ସୁଶାସନକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ୨୦୪୭

ମସିହା ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ପୂରଣ ଲାଗି ନିରନ୍ତର କାର୍ଯ୍ୟ କରିଆସୁଛନ୍ତି। ସମାବେଶୀ ବିକାଶ ଏବଂ ସାମାଜିକ ସଶକ୍ତୀକରଣ ଜରିଆରେ ଏହି ଉତ୍ସର୍ଗୀକୃତ ସିଦ୍ଧାନ୍ତ ଜୀବନ୍ତ ରୂପ ନେଇଛି। ସେବା ସଂକଳ୍ପ ଅଭିଯାନର ଏହି ଧାରାବାହିକରେ ଆଜି ଶୁଣନ୍ତୁ **'ଆୟୁଷ୍ମାନ ଭାରତ ଯୋଜନା'** ସମ୍ପର୍କରେ...

ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା କେନ୍ଦ୍ର ସରକାରଙ୍କ ସରକାରୀ ଅନୁଦାନପ୍ରାପ୍ତ ଏକ ଜାତୀୟ ସ୍ୱାସ୍ଥ୍ୟବୀମା ଯୋଜନା। ୨୦୧୮ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଯୋଜନାର ଶୁଭାରମ୍ଭ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ରାଜ୍ୟର ସମସ୍ତ ଜିଲ୍ଲାରେ ଏହି ଯୋଜନାକୁ ଲାଗୁ କରାଯାଇଥିଲା। ଅର୍ଥନୈତିକ ଦୃଷ୍ଟିକୋଣରୁ ଦୁର୍ବଳ ବର୍ଗର ଲୋକ, ସ୍ୱଳ୍ପ ଆୟକାରୀ ବ୍ୟକ୍ତିଙ୍କୁ ତାଲିକାଭୁକ୍ତ ସରକାରୀ ଓ ଘରୋଇ ଡାକ୍ତରଖାନାରେ ମାଗଣାରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସହାୟତା ପ୍ରଦାନ କରାଯାଉଛି। ଓଡ଼ିଶାରେ ମହିଳା ହିତାଧିକାରୀଙ୍କ କ୍ଷେତ୍ରରେ ଏହି ଯୋଜନାରେ ଚିକିତ୍ସା ଖର୍ଚ୍ଚ ସୀମା ୧୦ ଲକ୍ଷ ଟଙ୍କା ରଖାଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲାରେ ଏହି ଯୋଜନାର ସ୍ୱାସ୍ଥ୍ୟବୀମା କାର୍ଡ ବ୍ୟବହାର କରି ହିତାଧିକାରୀମାନେ ବିଭିନ୍ନ ଘରୋଇ ଡାକ୍ତରଖାନାରେ ଜଟିଳର ରୋଗର ଉନ୍ନତ ଚିକିତ୍ସା ସୁବିଧା ପାଇପାରୁଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସଚ୍ଚିଦାନନ୍ଦ ମିଶ୍ର କହିଛନ୍ତି।

**- V/O -**

କେନ୍ଦ୍ରାପଡ଼ା ଜିଲ୍ଲାରେ ଏହି ଯୋଜନାରେ ୬ ଲକ୍ଷ ୪୬ ହଜାର ୬୩୦ ଜଣ ନାଗରିକ ତାଲିକାଭୁକ୍ତ ହୋଇଛନ୍ତି। ଆୟୁଷ୍ମାନ ଭାରତ ଯୋଜନା ରୋଗୀଙ୍କ ପାଇଁ ବରଦାନ ସାବ୍ୟସ୍ତ ହୋଇଛି ବୋଲି ହିତାଧିକାରୀ ଚିନ୍ମୟ କୁମାର କବି କହିଛନ୍ତି...

**- V/O -**

କେନ୍ଦ୍ରାପଡ଼ାରୁ ନିହାର ରଞ୍ଜନ ସାହୁଙ୍କ ରିପୋର୍ଟ ସହ  ଆକାଶବାଣୀ ସମ୍ବାଦ ବିଭାଗ ପକ୍ଷରୁ ମୁଁ ସ୍ମୃତିରେଖା ତାରେଣିଆ ।

Desk

# ବରିଷ୍ଠ ନାଗରିକ ଦିବସ

ବରିଷ୍ଠ ନାଗରିକଙ୍କ ଅଭିଜ୍ଞତା ଏବଂ ବୁଦ୍ଧିମତାକୁ ସମ୍ମାନ ପ୍ରଦର୍ଶନ କରିବା ଲକ୍ଷ୍ୟ ନେଇ ପ୍ରତ୍ୟେକ ବର୍ଷ ଅକ୍ଟୋବର ପହିଲାରେ ବିଶ୍ୱରେ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳନ କରାଯାଉଛି । ଚଳିତ ବର୍ଷର ବିଷୟବସ୍ତୁ ରହିଛି **"ଦୀର୍ଘାୟୁର ଯୁଗ, ଦୀର୍ଘ ଜୀବନ ପାଇଁ ପୁନଃ ଚିନ୍ତନ ପ୍ରଣାଳୀ"** ।

ରାଜ୍ୟର ପ୍ରତ୍ୟେକ ବରିଷ୍ଠ ନାଗରିକଙ୍କ ସୁରକ୍ଷା, ସ୍ୱାସ୍ଥ୍ୟସେବା, ଆତ୍ମସମ୍ମାନ  ଓ ସାମାଜିକ ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ସରକାର ସଂକଳ୍ପବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ବାର୍ତ୍ତାରେ କହିଛନ୍ତି।

ଆଜି ମଧ୍ୟ ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ପାଳନ କରାଯାଉଛି । ଚଳିତ ବର୍ଷ ଏହି ଦିବସର ବିଷୟବସ୍ତୁ ରହିଛି **'ମାତ୍ର ଗୋଟିଏ ବୁନ୍ଦା ରକ୍ତରେ ଜୀବନକୁ ଓ ଆଶାକୁ ଫେରାଇ ଆଣିବାର ଶକ୍ତି ନିହିତ ଅଛି'**। ସ୍ୱେଚ୍ଛାକୃତ ରକ୍ତଦାନକୁ ପ୍ରୋତ୍ସାହିତ କରିବା, ରକ୍ତ ସଂଗୃହିତ କେନ୍ଦ୍ରଗୁଡିକ ପାଇଁ ଆବଶ୍ୟକ ଭିତ୍ତିଭୂମିର ସୁବିଧା ଏବଂ ଜାତୀୟ ରକ୍ତ ନୀତିକୁ କାର୍ଯ୍ୟକାରୀ କରିବା ଏହି ଦିବସର ଲକ୍ଷ୍ୟ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାର ଯୁବବର୍ଗଙ୍କୁ ସ୍ୱେଚ୍ଛାରେ ଓ ନିୟମିତଭାବେ ରକ୍ତଦାନ କରିବାକୁ ଆହ୍ୱାନ ଦେଇଛନ୍ତି।

Desk

# ଛାତ୍ର ସଂସଦ ନିର୍ବାଚନ

ଉଚ୍ଚଶିକ୍ଷା ବିଭାଗ ଅନ୍ତର୍ଗତ ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ନେଇ କୌଣସି ନିଷ୍ପତ୍ତି ଚୂଡ଼ାନ୍ତ ହୋଇନାହିଁ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି। ଆଜି ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ସୂରଜ କହିଛନ୍ତି, ବିଭାଗ ସର୍ବଦା ଛାତ୍ର ସଂସଦ ନିର୍ବାଚନ ସପକ୍ଷରେ ଅଛି।

Puri

# ଶ୍ରୀମନ୍ଦିର- ସୁଗମ ଦର୍ଶନ

ପୁରୀ ଶ୍ରୀମନ୍ଦିରରେ ଦିବ୍ୟାଙ୍ଗ ଏବଂ ବୟସ୍କ ଭକ୍ତମାନଙ୍କ ସୁଗମ ଦର୍ଶନ ପାଇଁ ମନ୍ଦିର ପ୍ରାଶସନ ପକ୍ଷରୁ ଉତ୍ତର ଦ୍ୱାରରେ ସ୍ୱତନ୍ତ୍ର ବ୍ୟବସ୍ଥା ଆୟୋଜନ କରାଯାଉଛି ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ କୁମାର ପାଢ଼ି ସୂଚନା ଦେଇଛନ୍ତି। ଶ୍ରୀମନ୍ଦିରର ଉତ୍ତର ଦ୍ୱାର ଗୁମୁଟଠାରୁ କୁର୍ମ ବେଢ଼ା ପର୍ଯ୍ୟନ୍ତ ରାମ୍ପ ଏବଂ ରେଲିଂ ନିର୍ମାଣ ଇତିମଧ୍ୟରେ ଶେଷ ହୋଇଛି। ସ୍ୱତନ୍ତ୍ର ତାଲିମ ପ୍ରାପ୍ତ ସ୍ୱେଚ୍ଛାସେବୀ ଶ୍ରଦ୍ଧାଳୁଙ୍କୁ ନାଟମଣ୍ଡପ କିମ୍ବା ଜଗମୋହନ ପର୍ଯ୍ୟନ୍ତ ପହଁଞ୍ଚାଇବାରେ ସାହାଯ୍ୟ କରିବେ। ଏହି ସୁବିଧା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏକ ଅନଲାଇନ୍ ତଥା ମୋବାଇଲ ଆପ୍ଲିକେଶନ ପ୍ରସ୍ତୁତ କରାଯାଉଛି। ପ୍ରାରମ୍ଭିକ ପରୀକ୍ଷାମୂଳକ ପର୍ଯ୍ୟାୟରେ ଦୈନିକ ୫୦ ଜଣ ଦିବ୍ୟାଙ୍ଗ ଏବଂ ବୟସ୍କ ଭକ୍ତ ଏହି ସୁବିଧା ପାଇପାରିବେ ବୋଲି ଶ୍ରୀ ପାଢ଼ି କହିଛନ୍ତି।

Ganjam

## ମତ୍ସ୍ୟଚାଷ ସଚେତନତା

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରସ୍ଥିତ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଲୁଣିପାଣି ମତ୍ସ୍ୟଚାଷ ସମ୍ପର୍କିତ ଜିଲ୍ଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଭାଗର ଉପନିର୍ଦ୍ଦେଶକ ମନୋରଞ୍ଜନ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଲୁଣିପାଣି

ମତ୍ସ୍ୟଚାଷର ବିକାଶ ଓ ଏହାର ବ୍ୟାପକ ସମ୍ଭାବନା ସମ୍ପର୍କରେ ଚାଷୀମାନଙ୍କୁ ଅବଗତ କରାଇଥିଲେ।

Nabarangpur

## ବନ୍ୟା- କ୍ଷୟକ୍ଷତି ଆକଳନ

ନବରଙ୍ଗପୁର ଜିଲ୍ଲାରେ ବନ୍ୟା ପରିସ୍ଥିତି ପରେ କ୍ଷୟକ୍ଷତି ଆକଳନ କରାଯାଇ ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯାଇଥିଲା। ସରକାରଙ୍କ ରିଲିଫ ପାଣ୍ଠିରୁ ୫ କୋଟି ଟଙ୍କା ଜିଲ୍ଲା ପ୍ରଶାସନକୁ ପ୍ରଦାନ କରାଯାଇଛି। ଭଙ୍ଗାଘର ପାଇଁ ୯୮ ଲକ୍ଷ, ରିଲିଫ କ୍ୟାମ୍ପ ପାଇଁ ୧ କୋଟି ୬୨ ଲକ୍ଷ ଓ ଚାଷ କ୍ଷୟକ୍ଷତି ପାଇଁ ୨ କୋଟି ୪୦ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

Nayagada

## ସ୍ୱଚ୍ଛତା କାର୍ଯ୍ୟକ୍ରମ

ନୟାଗଡ଼ ଜିଲ୍ଲା ରଣପୁର ଏନ୍.ଏ.ସି. ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନ୍ତର୍ଗତ ସୁଆସିଆ ସାହି ପ୍ରାଥମିକ ବିଦ୍ୟାଳୟ ପରିସରରେ ସ୍ୱଚ୍ଛତା ଓ ଆବର୍ଜନା ପରିଚାଳନା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆବର୍ଜନାକୁ ଉତ୍ସ ସ୍ଥଳରୁ ପୃଥକୀକରଣ କରିବା ଉପରେ ବକ୍ତାମାନେ ଗୁରୁତ୍ୱାରୋପ କରିଥିଲେ।